# NATIONAL NEWS BULLETIN (ODIA)
## 21st November - 2024
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଓଡ଼ିଶା କଳା, ସାହିତ୍ୟ ଓ ସଙ୍ଗୀତର ପ୍ରଚାର ଓ ପ୍ରସାର ଦିଗରେ ଡକ୍ଟର ମହତାବଙ୍କ ଅବଦାନ ଉଲ୍ଲେଖନୀୟ; କହିଲେ ରାଷ୍ଟ୍ରପତି ।
- ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆସନ୍ତା ସୋମବାର ଦିନ ଆଇ.ସି.ଏ. ବିଶ୍ୱ ସମବାୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ୨୦୨୨ ଓ ୨୦୨୩ ବର୍ଷପାଇଁ ଆସନ୍ତାକାଲି ପ୍ରଦାନ କରାଯିବ ଓସ୍ତାଦ ବିସ୍‌ମିଲ୍ଲା ଖାଁ ଯୁବ ପୁରସ୍କାର ।
- ପାକିସ୍ତାନର ଖାଇବର ପଖ୍‌ତୁଙ୍ଖ୍ୱା ପ୍ରଦେଶରେ ଦୁଇଟି ଯାତ୍ରୀବାହୀ ଗାଡ଼ି ଉପରକୁ ଗୁଳିମାଡ଼ରେ ୩୮ ଜଣଙ୍କର ମୃତ୍ୟୁ ।

ଏବଂ

- ଭାରତ-ଅଷ୍ଟ୍ରେଲିଆ ବର୍ଡର୍ ଗାଭାସ୍କର ଟ୍ରଫି କ୍ରିକେଟ୍ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତାକାଲିଠାରୁ ପର୍ଥ'ଠାରେ ଖେଳାଯିବ ।

## ପ୍ରେଜ୍ - ହରେକୃଷ୍ଣ ମହତାବ

ଡକ୍ଟର ହରେକୃଷ୍ଣ ମହତାବ ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା ଥିଲେ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଡକ୍ଟର ମହତାବଙ୍କ ୧୨୫ତମ ଜୟନ୍ତୀ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ଓଡ଼ିଶାର କଳା, ସାହିତ୍ୟ ଏବଂ ସଙ୍ଗୀତ ପ୍ରଚାର ଓ ପ୍ରସାର ଦିଗରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା । ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଶାରେ ଅନେକ ବିକାଶମୂଳକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ହୀରାକୁଦ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ଯୋଗୁଁ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନରେ ଏକ ଅଗ୍ରଣୀ ରାଜ୍ୟ ପାଲଟିଛି ବୋଲି ରାଷ୍ଟ୍ରପତି କହିଛନ୍ତି । ଡକ୍ଟର ମହତାବଙ୍କ ନେତୃତ୍ୱର ଦକ୍ଷତା ଏବଂ ଜାତୀୟତାବାଦୀ ଚିନ୍ତାଧାରା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସେ କହିଛନ୍ତି ।

## ପି.ଏମ୍. - ବିଶ୍ୱ ସମବାୟ ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସୋମବାର ଦିନ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆଇ.ସି.ଏ. ବିଶ୍ୱ ସମବାୟ ସମ୍ମଳନୀକୁ ଉଦ୍‌ଘାଟନ କରିବେ । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ସମବାୟ ମନ୍ତ୍ରଣାଳୟ ସଚିବ ଡକ୍ଟର ଆଶିଷ କୁମାର ଭୁଟାନୀ କହିଛନ୍ତି, ଭାରତରେ ପ୍ରଥମ ଥରପାଇଁ ଏହି ସମ୍ମିଳନୀ ଆୟୋଜିତ ହେଉଛି । ୬ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି "ସମସ୍ତଙ୍କ ସମୃଦ୍ଧିରେ ସମବାୟ" । ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏକ ସ୍ମାରକୀ ଡାକଟିକଟ ଉନ୍ମୋଚନ କରିବେ । ଏହି ସମ୍ମିଳନୀରେ ଭୂଟାନ ପ୍ରଧାନମନ୍ତ୍ରୀ ଦାସୋ ସେରିଙ୍ଗ୍ ତୋବଗେ ଏବଂ ଫିଜିର ଉପପ୍ରଧାନମନ୍ତ୍ରୀ ମନୋଆ କାମିକାମିକା ଯୋଗଦେବେ ବୋଲି ଡକ୍ଟର ଭୂଟାନୀ ସୂଚନା ଦେଇଛନ୍ତି ।

## ମହାରାଷ୍ଟ୍ର - ଭୋଟର୍ ଟର୍ଣ୍ଣଆଉଟ୍

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ମତଦାତା ହାର ୬୫ ଦଶମିକ ୧/୧ ପ୍ରତିଶତ ହୋଇଛି । ଗତ ୩୦ ବର୍ଷ ମଧ୍ୟରେ ଏହା ସର୍ବାଧିକ ବୋଲି

ଜଣାପଡ଼ିଛି । ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗଡ଼ଚିରୋଲିରେ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାପାଇଁ ଭୋଟରଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା । ସେଠାରେ ନକ୍ସଲ କାର୍ଯ୍ୟକଳାପ ସତ୍ତ୍ୱେ ଭୋଟରମାନେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଧିକ ସଂଖ୍ୟାରେ ସାମିଲ୍ ହୋଇଥିଲେ । ଆମ ମୁମ୍ବାଇ ପ୍ରତିନିଧିଙ୍କ ସୂଚନା ଅନୁସାରେ, ପୂର୍ବରୁ ମାଓ ପ୍ରଭାବିତ ଭାମରାଗଡ଼ ଏବଂ ଏଟ୍ଟାପଲ୍ଲୀରେ ଏବେ ଶାନ୍ତି ଫେରି ଆସୁଥିବାରୁ ସେଠାରେ ମଧ୍ୟ ଅଧିକ ସଂଖ୍ୟାରେ ଭୋଟର୍ ନିର୍ବାଚନ ପ୍ରକ୍ରିୟାରେ ସାମିଲ୍ ହୋଇଥିଲେ । ସୂଚନାଯୋଗ୍ୟ, ଏକକ ପର୍ଯ୍ୟାୟରେ ମହାରାଷ୍ଟ୍ରର ୨୮୮ଟି ବିଧାନସଭା ଆସନ ଏବଂ ନାନ୍ଦେଡ୍ ଲୋକସଭା ଉପନିର୍ବାଚନ ଲାଗି ଗତକାଲି ମତଗ୍ରହଣ ହୋଇଥିଲା ।

## ଶେଖାୱତ - ଯୁବ ପୁରସ୍କାର

୨୦୨୨ ଓ ୨୦୨୩ ବର୍ଷପାଇଁ ଓସ୍ତାଦ ବିସ୍‌ମିଲ୍ଲା ଖାଁ ଯୁବ ପୁରସ୍କାର ଆସନ୍ତାକାଲି ପ୍ରଦାନ କରାଯିବ । ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ଏହି ପୁରସ୍କାର ପ୍ରଦାନ କରିବେ । ଏଥିପାଇଁ ୮୨ ଜଣ ଯୁବ କଳାକାରଙ୍କୁ ମନୋନୀତ କରାଯାଇଛି । ସଙ୍ଗୀତ, ନୃତ୍ୟ, ନାଟକ, ଲୋକକଳା, ଆଦିବାସୀ କଳା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କଳାକ୍ଷେତ୍ରରେ ଯୁବ କଳାକାରଙ୍କୁ ଉତ୍ସାହିତ

କରିବା ଏହି ପୁରସ୍କାର ପ୍ରଦାନର ଉଦ୍ଦେଶ୍ୟ । ପୁରସ୍କାର ବାବଦରେ ନଗଦ ୨୫ ହଜାର ଟଙ୍କା, ଏକ ଫଳକ ଏବଂ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥାଏ । ସଙ୍ଗୀତ-ନାଟକ ଏକାଡେମୀ ପକ୍ଷରୁ ଗତ ୨୦୦୬ ମସିହାରୁ ୪୦ ବର୍ଷ ପର୍ଯ୍ୟନ୍ତ ଯୁବ କଳାକାରଙ୍କପାଇଁ ଏଭଳି ପୁରସ୍କାର ପ୍ରଦାନର ବ୍ୟବସ୍ଥା ଆରମ୍ଭ କରାଯାଇଥିଲା ।

## ପ୍ରସାର ଭାରତୀ - ଓ.ଟି.ଟି.

ଡିଜିଟାଲ୍ କ୍ଷେତ୍ରରେ ଉପଯୋଗୀ ବିଷୟବସ୍ତୁ ସହିତ ସମାଜର ସବୁ ବର୍ଗର ଲୋକଙ୍କ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଲକ୍ଷ୍ୟରେ ନୂତନ ଓ.ଟି.ଟି. ପ୍ଲାଟ୍‌ଫର୍ମ ଆରମ୍ଭ କରାଯାଇଛି ବୋଲି ପ୍ରସାର ଭାରତୀ ଅଧ୍ୟକ୍ଷ ନବନୀତ କୁମାର ସେହଗଲ୍ କହିଛନ୍ତି । ପ୍ରସାର ଭାରତୀର ଓ.ଟି.ଟି. ପ୍ଲାଟ୍‌ଫର୍ମ ୱେବ୍ କାର୍ଯ୍ୟକ୍ଷମ ହେବାର ପରଦିନ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ସେହଗଲ୍ ଏହା କହିଛନ୍ତି । ସେ କହିଛନ୍ତି, ଏହି ପ୍ଲାଟ୍‌ଫର୍ମରେ ଦୂରଦର୍ଶନର ସମସ୍ତ ଲୋକପ୍ରିୟ କାର୍ଯ୍ୟକ୍ରମ ପ୍ରସାରିତ ହେବ । ଏପରିକି ସାଂସ୍କୃତିକ ଐତିହ୍ୟ ଆଧାରିତ ଆଞ୍ଚଳିକ କାର୍ଯ୍ୟକ୍ରମଗୁଡ଼ିକୁ ମଧ୍ୟ ଏହି ପ୍ଲାଟ୍‌ଫର୍ମରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ପ୍ରସାର ଭାରତୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ଦ୍ୱିବେଦୀ କହିଛନ୍ତି, ସବୁଠାରୁ ଅଧିକ ଦର୍ଶକଙ୍କ ପାଖରେ ପହଞ୍ଚିବା ଲକ୍ଷ୍ୟରେ ଏହି ପ୍ଲାଟ୍‌ଫର୍ମର ଆରମ୍ଭ

କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୦ଟି ଭାଷାର ବିଷୟବସ୍ତୁକୁ ଏଥିରେ ସ୍ଥାନିତ କରାଯାଇଛି । ପର୍ଯ୍ୟାୟକ୍ରମେ ସମସ୍ତ ଭାଷା ଏବଂ ଉପଭାଷାର କାର୍ଯ୍ୟକ୍ରମକୁ ଏଥିରେ ଅନ୍ତର୍ଭୁକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

## ପାକିସ୍ତାନ - କିଲ୍‌ଡ୍

ପାକିସ୍ତାନର ଖାଇବର ପଖ୍‌ତୁଙ୍ଖ୍ୱା ପ୍ରଦେଶର ଉତ୍ତର-ପଶ୍ଚିମାଞ୍ଚଳରେ ଦୁଇଟି ଯାତ୍ରୀବାହୀ ଗାଡ଼ି ଉପରକୁ ଗୁଳିଚାଳନାଦ୍ୱାରା ୩୮ ଜଣଙ୍କର ମୃତ୍ୟୁ ଘଟିଛି । ଏଥିରେ ୨୯ ଜଣ ଆହତ ହୋଇଛନ୍ତି । ପ୍ରଦେଶର ମୁଖ୍ୟ ଶାସନ ସଚିବ ନଦୀମ୍ ଅସ୍‌ଲାମ୍ ଚୌଧୁରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, କୁରମ୍ ଆଦିବାସୀ ଜିଲ୍ଲାରେ ଆଜି ଏହି ଗୁଳିକାଣ୍ଡ ହୋଇଛି । ଆହତଙ୍କ ସ୍ଥିତିକୁ ଦେଖିଲେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି ବୋଲି ସେ କହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଗୋଟିଏ ଯାତ୍ରୀବାହୀ ଗାଡ଼ି ପେଶୱାରରୁ ପାରାଚିନାର୍ ଏବଂ ଅନ୍ୟଟି ବିପରୀତ ଦିଗରୁ ଯାଉଥିବାବେଳେ ସଶସ୍ତ୍ର ବ୍ୟକ୍ତି ଗାଡ଼ି ଦୁଇଟି ଉପରକୁ ଗୁଳିମାଡ଼ କରିଥିଲେ ।

# ବାଂଲାଦେଶ - ଇଲେକ୍ସନ କମିଶନ

ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ଏକ ନୂତନ ନିର୍ବାଚନ ଆୟୋଗ ଗଠନ କରିଛନ୍ତି । ପୂର୍ବତନ ସଚିବ ଏ.ଏମ୍.ଏମ୍. ନାସିର ଉଦ୍ଦିନ୍‌ଙ୍କୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ଭାବେ ନିଯୁକ୍ତ କରାଯାଇଛି । ତାଙ୍କ ସହ ଅନ୍ୟ ୪ ଜଣଙ୍କୁ ନିର୍ବାଚନ ଆୟୁକ୍ତ ଭାବେ ମଧ୍ୟ ମନୋନୀତ କରାଯାଇଛି ।  ଆସନ୍ତା ୫ ବର୍ଷ ପାଇଁ ସେମାନେ ଏହି ଦାୟିତ୍ୱ ନିର୍ବାହ କରିବେ । ରାଷ୍ଟ୍ରପତି ମହମ୍ମଦ ଶହାବୁଦ୍ଦିନ୍ ବାଂଲାଦେଶ ସମ୍ବିଧାନର ଧାରା ୧୧୮ ଉପଧାରା ୧ ଅନୁଯାୟୀ ଏହି ୫ ଜଣଙ୍କୁ ନିଯୁକ୍ତ କରିଛନ୍ତି । କ୍ୟାବିନେଟ୍ ବିଭାଗ ପକ୍ଷରୁ ମଧ୍ୟ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ଶେଖ୍ ହାସିନାଙ୍କ ନେତୃତ୍ୱାଧୀନ ଆୱାମୀ ଲିଗ୍ ସରକାରଙ୍କ ପତନର ଏକ ମାସ ପରେ ସେପ୍ଟେମ୍ବର ୫ ତାରିଖରେ ପୂର୍ବତନ ମୁଖ୍ୟ ନିର୍ବାଚନ ଆୟୁକ୍ତ କାଜି ହବିବୁଲ୍ ଆୱଲ୍‌ଙ୍କ ସମେତ ନିର୍ବାଚନ ଆୟୋଗର ୪ ଜଣଯାକ ସଦସ୍ୟ ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଥିଲେ । ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ ପରେ ନୂତନ ନିର୍ବାଚନ ଆୟୋଗ ଗଠନ ଏବଂ ସାଧାରଣ ନିର୍ବାଚନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା ।

# ଆର୍ମି ଚିଫ୍ - ନେପାଳ ଭିଜିଟ୍

ଭାରତୀୟ ସେନାମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ପାଞ୍ଚଦିନିଆ ନେପାଳ ଗସ୍ତରେ ଯାଇଛନ୍ତି । ନେପାଳ ସେନାମୁଖ୍ୟ ଜେନେରାଲ ଅଶୋକ ରାଜ୍ ସିଗ୍‌ଡେଲ୍‌ଙ୍କ ଆମନ୍ତ୍ରଣକ୍ରମେ ଜେନେରାଲ୍ ଦ୍ୱିବେଦୀ ଏହି ଗସ୍ତରେ ଯାଇଛନ୍ତି । ତାଙ୍କ ସହ ପତ୍ନୀ ସୁନିତା ଦ୍ୱିବେଦୀଙ୍କ ସମେତ ପାଞ୍ଚଜଣିଆ ପ୍ରତିନିଧିମଣ୍ଡଳୀ ନେପାଳ ଯାଇଛନ୍ତି । ସୂଚନାଯୋଗ୍ୟ, ସୁନିତା ଦ୍ୱିବେଦୀ ସେନା କର୍ମଚାରୀଙ୍କ ପତ୍ନୀ କଲ୍ୟାଣ ସଙ୍ଗଠନର ଅଧ୍ୟକ୍ଷା ଅଛନ୍ତି । ତ୍ରିଭୁବନ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଜେନେରାଲ୍ ଦ୍ୱିବେଦୀଙ୍କ ସହ ପ୍ରତିନିଧି ମଣ୍ଡଳୀଙ୍କୁ ନେପାଳ ସାମରିକ ଅପରେସନ ବିଭାଗର ମୁଖ୍ୟ ମେଜର ଜେନେରାଲ୍ ପ୍ରେମ ଧୋଜ୍ ଅଧିକାରୀ ସ୍ୱାଗତ କରିଥିଲେ । ପରେ ନେପାଳ ସେନା ମୁଖ୍ୟାଳୟଠାରେ ଜେନେରାଲ୍ ଦ୍ୱିବେଦୀଙ୍କ ଗାର୍ଡ଼୍ ଅଫ୍ ଅନର ପ୍ରଦାନ କରାଯାଇଥିଲା । ଜେନେରାଲ୍ ଦ୍ୱିବେଦୀ ନେପାଳ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ସାମରିକ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ । ସେନା ମୁଖ୍ୟାଳୟ ପରିସରରେ ଜେନେରାଲ୍ ଦ୍ୱିବେଦୀ ଏକ ଚାରା ରୋପଣ କରିଥିଲେ । ରାଜଧାନୀ କାଠମାଣ୍ଡୁଠାରେ ଆଜି ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେ' ଜେନେରାଲ୍ ଦ୍ୱିବେଦୀଙ୍କୁ ନେପାଳୀ ସେନାର ସମ୍ମାନଜନକ ଜେନେରାଲ୍ ଉପାଧି ପ୍ରଦାନ କରିଥିଲେ ।

## ରାଜୀବ - ୱାର୍ଲଡ୍ ଫିଶେରୀଜ୍ ଡେ

ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ କହିଛନ୍ତି, ଦେଶରେ ମାଛ ଉତ୍ପାଦନ କ୍ଷେତ୍ରରେ ଆଭ୍ୟନ୍ତରୀଣ ମାଛଧରା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସାମୁଦ୍ରିକ ମାଛଧରା ଅପେକ୍ଷା ଏହା ଅଧିକ ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । ନୂଆଦିଲ୍ଲୀରେ ଆଜି ବିଶ୍ୱ ମତ୍ସ୍ୟଦିବସ ସମାରୋହରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ସିଂହ ମତ୍ସ୍ୟଚାଷ କ୍ଷେତ୍ରରେ ନିରନ୍ତର ଅଭିବୃଦ୍ଧିପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି । ଏହି ଅବସରରେ ପଞ୍ଚମ ସାମୁଦ୍ରିକ ମତ୍ସ୍ୟଗଣନା କାର୍ଯ୍ୟକ୍ରମକୁ ଶ୍ରୀ ସିଂହ ଶୁଭାରମ୍ଭ କରିଛନ୍ତି ।

## ଇ.ପି.ଏଫ୍.ଓ. - ୟୁ.ଏ.ଏନ୍.

ଆଧାରଭିତ୍ତିକ ଓ.ଟି.ପି. ଜରିଆରେ କର୍ମଚାରୀଙ୍କ ପାଇଁ ୟୁନିଭର୍ସାଲ୍ ଆକାଉଣ୍ଟ୍ ନମ୍ବର - ୟୁ.ଏ.ଏନ୍. କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ - ଇ.ପି.ଏଫ୍.ଓ.କୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ବର୍ଷର କେନ୍ଦ୍ରୀୟ ବଜେଟ୍‌ରେ ଘୋଷଣା କରାଯାଇଥିବା ନିଯୁକ୍ତି ସଂକ୍ରାନ୍ତ ପ୍ରୋତ୍ସାହନ ଯୋଜନାରେ ଅଧିକରୁ ଅଧିକ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବାପାଇଁ ଶ୍ରମ ଓ ନିୟୋଜନ

ମନ୍ତ୍ରଣାଳୟ ଗୁରୁତ୍ୱାରୋପ କରିଛି । ଏଥିପାଇଁ ନିଯୁକ୍ତିଦାତାଙ୍କ ସଚେତନତା ବୃଦ୍ଧି ଲକ୍ଷ୍ୟରେ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରଣାଳୟ ଇ.ପି.ଏଫ୍.ଓ.କୁ କହିଛି । ପ୍ରଥମ ପର୍ଯ୍ୟାୟରେ ଚଳିତ ଆର୍ଥିକ ବର୍ଷରେ ନିଯୁକ୍ତ କର୍ମଚାରୀଙ୍କପାଇଁ ଆଧାରଭିତ୍ତିକ ଓ.ଟି.ପି. ମାଧ୍ୟମରେ ୟୁ.ଏ.ଏନ୍. ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବାକୁ ମନ୍ତ୍ରଣାଳୟ ନିଯୁକ୍ତିଦାତାଙ୍କୁ ନିର୍ଦ୍ଦେଶ ଦେଇଛି । ଏଥିପାଇଁ ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ ହୋଇଛି । ଏହାପରେ ଅନ୍ୟ କର୍ମଚାରୀଙ୍କପାଇଁ ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ କୁହାଯାଇଛି । ଇ.ପି.ଏଫ୍.ଓ.ର ଅନ୍‌ଲାଇନ ବ୍ୟବସ୍ଥାକୁ ଏଥିପାଇଁ ଉପଯୋଗ କରିବାକୁ ନିଯୁକ୍ତିଦାତାଙ୍କୁ ମନ୍ତ୍ରଣାଳୟ ପରାମର୍ଶ ଦେଇଛି ।

## ବର୍ଡ଼ର ଗାଭାସ୍କର - ଟ୍ରଫି

ଭାରତ-ଅଷ୍ଟ୍ରେଲିଆ ବର୍ଡ଼ର ଗାଭାସ୍କର ଟ୍ରଫି କ୍ରିକେଟ୍ ଟେଷ୍ଟ ସିରିଜ୍ ଆସନ୍ତାକାଲିଠାରୁ ଅଷ୍ଟ୍ରେଲିଆର ପର୍ଥ’ଠାରେ ଆରମ୍ଭ ହେବ । ଅପ୍‌ଟସ୍ ଷ୍ଟାଡିୟମ୍‌ଠାରେ ଭାରତୀୟ ସମୟ ସକାଳ ୭ଟା ୫୦ ମିନିଟ୍‌ରେ ପ୍ରଥମ ଟେଷ୍ଟମ୍ୟାଚ୍ ଖେଳାଯିବ । ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଏହି ଟ୍ରଫି ଅଧୀନରେ ୫ଟି ଟେଷ୍ଟ ମ୍ୟାଚ୍ ଖେଳାଯିବ । ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ

ଆସନ୍ତାକାଲିର ପ୍ରଥମ ଟେଷ୍ଟମ୍ୟାଚ୍‌ରେ ଯଶପ୍ରୀତି ବୁମ୍‌ରା ଭାରତୀୟ ଦଳର ଅଧିନାୟକତ୍ୱ ଦାୟିତ୍ୱ ତୁଲାଇବେ ।

*****